ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରଗତିବାଦୀ

PRAGATIVADI pragativadi.com

ବିଶେଷ

ପ୍ରଗତିବାଦୀ PRAGATIVADI (1973-2022) YEARS GLORY OF GOLDEN JUBILEE ୫୩ ବର୍ଷରେ... ଯାତ୍ରା ଅବିରତ

ଅଭିଭାବକ ଶିକ୍ଷକ ବୈଠକ

■ ଭୁବନେଶ୍ୱର,ତା ୩୦।୭(ପିଏନଏସ)

ଚଳିତ ଶିକ୍ଷାବର୍ଷ ୨୦୨୫-୨୬ର ଦ୍ୱିତୀୟ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ "ଆସ ସ୍କୁଲ ଯିବା ଅଭିଯାନ", ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ନିରାପଦ ପରିବେଶ ସୃଷ୍ଟି, ବାଳିକାମାନଙ୍କର ସୁରକ୍ଷା ଓ ନିରାପତ୍ତା ପାଇଁ ସଚେତନତା ଓ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ପାଇଁ ସୁରକ୍ଷାକୁ ସୁନିଶ୍ଚିତ କରିବା,ମାଆ ପାଇଁ ଗଛ ଟିଏ ୨.୦, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍ସିନେରେଟର ଓ ଭେଣ୍ଡିଂ ମେସିନରେ ବ୍ୟବସ୍ଥା ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଚ୍ଛନ୍ନତା, ସ୍ୱଚ୍ଛତା ପକ୍ଷପାଳନ, ସୁରଭି, ଛାତ୍ରଛାତ୍ରୀମାନଙ୍କୁ ପୋଷାକ,ଜୋତା ଆଦି ଉପକରଣ ବିତରଣ, ଛାତ୍ରଛାତ୍ରୀମାନଙ୍କ କ୍ୟାରିୟର ଗଠନରେ ପିତାମାତାଙ୍କ ଭୂମିକା, ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଅଭିଭାବକ ଓ ଶିକ୍ଷକମାନଙ୍କର ଭୂମିକା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା ।

ଏଠାରେ ପ୍ରକାଶ ଥାଉକି, ଅଭିଭାବକ ଶିକ୍ଷକ ସମ୍ମିଳନୀ ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅନୁଷ୍ଠିତ ହେଉଛି । ଚଳିତ ବୈଠକରେ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ଗୋଷ୍ଠୀ ଓ ଅଭିଭାବକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀମାନେ ଯୋଗଦାନ କରି ଏହାର ତଦାରଖ କରିଥିଲେ ।

ସାମ୍ବାଦିକଙ୍କ କଲ୍ୟାଣ ଲାଗି ପଦକ୍ଷେପ ନିଆଯିବ

ମୁଖ୍ୟ ସଚିବଙ୍କ ବୈଠକ

■ ଭୁବନେଶ୍ୱର,ତା ୩୦।୭(ପିଏନଏସ)

ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଆଜି ଲୋକସଭା ଭବନରେ ରାଜ୍ୟର ବରିଷ୍ଠ ସାମ୍ବାଦିକ ମାନଙ୍କ ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ଓ ସେସବୁର ସମାଧାନ ସଂପର୍କରେ ବିଶଦ ଭାବେ ଆଲୋଚନା କରିଛନ୍ତି । ବୈଠକରେ ଶିଳ୍ପ,ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନସଚିବ ହେମନ୍ତ ଶର୍ମା ଓ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା ।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଓଡ଼ିଶାରେ ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଯେଉଁ ଯେଉଁ ଦାବୀ ଉପସ୍ଥାପନ କରିଛନ୍ତି, ସେ ସମ୍ପର୍କରେ ଅଧିକ ବିଚାର ବିମର୍ଶ ପୂର୍ବକ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି ।

ଏହି ବୈଠକରେ ସାମ୍ବାଦିକମାନଙ୍କ ସୁରକ୍ଷା ଆଇନ ପ୍ରଣୟନ କରାଯିବା, ବରିଷ୍ଠ ସାମ୍ବାଦିକ ମାନଙ୍କ ନିମନ୍ତେ ପେନସନ ବ୍ୟବସ୍ଥା, ସାମ୍ବାଦିକ ମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ କରାଯିବା, ସାମ୍ବାଦିକ କଲ୍ୟାଣ ପାଣ୍ଠିରେ ରହିଥିବା ବ୍ୟବସ୍ଥା ଅନୁସାରେ ସାମ୍ବାଦିକ ଓ ସେମାନଙ୍କର ପରିବାରଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଲୋକସେବା ଭବନକୁ ପ୍ରବେଶପାଇଁ ଆବେଦନ କରୁଥିବା ସାମ୍ବାଦିକମାନଙ୍କୁ ପରିଚୟପତ୍ର ପ୍ରଦାନ କିପରି ଶୀଘ୍ର ଓ ସରଳୀକରଣ ହୋଇପାରିବ, ସେ ସଂପର୍କରେ ବିଭାଗକୁ ପରାମର୍ଶ ଦିଆଯାଇଥିଲା । ସରକାରଙ୍କ ପ୍ରଚାରପ୍ରସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମାନୁପାତିକ ହାରରେ ପ୍ରକାଶ ପାଉଥିବା ବିଭିନ୍ନ ଦୈନିକ ଓ ସାପ୍ତାହିକ ସମ୍ବାଦପତ୍ର ଗୁଡ଼ିକୁ ବିଜ୍ଞାପନ ପ୍ରଦାନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା । ସ୍ୱାସ୍ଥ୍ୟବୀମାରେ ରହିଥିବା ବିଭିନ୍ନ ସୁବିଧା, ସହାୟତା ଓ ପ୍ରକ୍ରିୟା ସଂପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରାଯିବା ପାଇଁ ସଂପୃକ୍ତ ବୀମା କମ୍ପାନୀର ତୃତୀୟ ପକ୍ଷ ସଂସ୍ଥା(ଟିପିଏ) ସହିତ ଏକ ବୈଠକ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି ।

ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରୟାସରେ ରାଜ୍ୟର ମୋଟ ୭୪୮୬ ଜଣ ସାମ୍ବାଦିକଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୨୧-୨୦୨୪ ବର୍ଷ ମଧ୍ୟରେ ସମୁଦାୟ ୮୦ ଜଣ ମୃତ ସାମ୍ବାଦିକଙ୍କ ନିକଟ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରାଯାଇଛି । କୋଭିଡରେ ମୃତ୍ୟୁବରଣ କରିଥିବା ୪୯ ଜଣ ସାମ୍ବାଦିକଙ୍କ ପରିବାରଙ୍କୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ପ୍ରତ୍ୟେକ ପରିବାରଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ, ସନତ ମିଶ୍ର, ପୀତବାସ ମିଶ୍ର ଏବଂ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଉଷା ପାଢ଼ୀଙ୍କ ଜଗତସିଂହପୁର ଜିଲ୍ଲା ଗସ୍ତ

■ ଜଗତସିଂହପୁର, ତା ୩୦।୭(ପିଏନଏସ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦୁଇ ଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ପ୍ରଥମ ଦିନରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟପୁରଠାରେ ବୟନ ଗ୍ରାମ ଓ ଅମୃତା ଡେରି ଫାର୍ମ ପରିଦର୍ଶନ କରିଥିଲେ ।

ବୟନ ଗ୍ରାମର କାରିଗର ଓ ଡେରୀ ଫାର୍ମର ମହିଳାଙ୍କ ସହ ଆଲୋଚନା

ଜିଲ୍ଲାପାଳ ଜେ ସୋନାଲଙ୍କ ଉପସ୍ଥିତି ଓ ତତ୍ତ୍ୱାବଧାନରେ ସେ ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନଙ୍କ ସହ ଆଲୋଚନା କରିଥିଲେ । ବୟନ ଗ୍ରାମର କାରିଗର ମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ ।

ସେହିପରି ଅମୃତା ଡେରି ଫାର୍ମରେ କାର୍ଯ୍ୟ କରୁଥିବା ମା ମାନଙ୍କ ସହ ଆଲୋଚନା କରିବା ସହ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠି, ବିଡିଓ ରଘୁନାଥପୁର, ଡିପିସି ମିଶନ ଶକ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଶ୍ରୀମତୀ ପାଢ଼ୀ ପାରାଦ୍ୱୀପ ଗସ୍ତ କରିଛନ୍ତି ।

ଗୁରୁବାର ପୂର୍ବାହ୍ନରେ ପାରାଦୀପ ଗଡ଼ ଓ ପୌର ପରିଷଦ ପରିଦର୍ଶନ ପରେ ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟା

■ ଝୁମ୍ପୁରା,ତା୩୦।୭(ପିଏନଏସ)

ଝୁମ୍ପୁରା ଥାନା ଅନ୍ତର୍ଗତ ଭାଲୁକା ଗ୍ରାମର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ଜଣାଯାଇଛି । ଅର୍ଶଳା ଗ୍ରାମର ରଘୁମଣି ଦାସଙ୍କ ଝିଅ ଶକୁନ୍ତଳା ଦାସଙ୍କୁ ସେ ୭ ବର୍ଷ ତଳେ ପ୍ରେମ ବିବାହ କରିଥିଲେ । ବିବାହର କିଛି ମାସ ଠିକରେ ଚାଲିଥିଲା । ବିବାହର ୭ ମାସ ପରେ ଶକୁନ୍ତଳାଙ୍କ ସ୍ୱାମୀ ଏମଡି ମେନନ ଯୌତୁକ ଆଣିବା ପାଇଁ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ଯୌତୁକକୁ ନେଇ ବାରମ୍ବାର ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥାଏ ଏବଂ ଶକୁନ୍ତଳା ରାଗି ବାପା ଘରକୁ ଚାଲି ଯାଇଥାନ୍ତି । ଇତିମଧ୍ୟରେ ଯୌତୁକକୁ ନେଇ ଅନେକଥର ଗଣ୍ଡଗୋଳ ହୋଇଥିଲା । ସେମାନଙ୍କର ୪ ବର୍ଷର ପୁଅ ଏବଂ ୨ ବର୍ଷର ଝିଅ ଅଛନ୍ତି । ଶକୁନ୍ତଳା ବାପଘରୁ ଯୌତୁକ ଆଣିବା ପାଇଁ ସକ୍ଷମ ନହେବାରୁ ଏମଡି ମେନନ ଦ୍ୱିତୀୟଥର ପାଇଁ ଏମଡି ନେହାଙ୍କୁ ବିବାହ କରିଥିଲେ । ଉଭୟ ସ୍ୱାମୀ-ସ୍ତ୍ରୀ ଶକୁନ୍ତଳାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ବୋର୍ଡ କର୍ମଚାରୀ...

ଓ ସନାତନ ବିଶୋୟୀଙ୍କୁ ଦେଇଥିଲା । ବଦଳରେ ଜିତନ ମହାରଣା ଫୋନ ପେ'ରେ ଅଢ଼େଇ ଲକ୍ଷ ଟଙ୍କା ନେଇଥିଲା । ବିଜୟମିଶ୍ର ଓ ସନାତନ ବିଶୋୟୀ ୩ଜଣ ଦଲାଲ ରାମଜୀ ଗୁପ୍ତା, ଅଜୟ ସାହୁ ଓ ଜୟନ୍ତ ରାଉତଙ୍କୁ ଦେଇଥିଲେ ।

ପ୍ରଶ୍ନପତ୍ର ବଦଳରେ ଦଲାଲମାନେ ଶିକ୍ଷକମାନଙ୍କ ଠାରୁ ଆକାଉଣ୍ଟ ଟ୍ରାନ୍ସଫର ଏବଂ ନଗଦ ଆକାରରେ ଅର୍ଥ ନେଇଥିଲେ । ଲକ୍ଷାଧିକ ଟଙ୍କା ଏଥିରେ ଆଦାୟ ହୋଇଥିଲା । କ୍ରାଇମବ୍ରାଞ୍ଚ କହିଛି ଯେ, ଏହି ରାକେଟର ସଂପର୍କ ବିଭିନ୍ନ ଜିଲ୍ଲାରେ ରହିଥିବାରୁ ସହଜରେ କାରବାର ହୋଇଥିଲା । ତଦନ୍ତ ସମୟରେ ସେମାନଙ୍କ ଠାରୁ ମୋବାଇଲ ଫୋନ ଏବଂ ଲିକ ହୋଇଥିବା ପ୍ରଶ୍ନପତ୍ର ଜବତ କରାଯାଇଛି ।

ଅଭିଯୁକ୍ତ ଜିତନ ମହାରଣାର ଘର ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ବାଲିଖଣ୍ଡ ଗାଁରେ ହୋଇଥିବାବେଳେ ସେ କଟକ ଗୋପାଳପୁର (ବାଲିକୁଦା) ଦେହୁରୀ ସାହିରେ ରହୁଛନ୍ତି । ସେହିପରି ବିଜୟ ମିଶ୍ରଙ୍କ ଘର ରାୟଗଡା ଜିଲ୍ଲା ଆମ୍ବାଦୋଳା ଥାନା ଅନ୍ତର୍ଗତ କୋମାସାହିରେ । ସନାତନ ବିଶୋୟୀଙ୍କ ଘର କୋରାପୁଟ ଜିଲ୍ଲା କୁନ୍ଦ୍ରା ଥାନା ସାଗରଗୁଡା ଗାଁରେ । ରାମଜୀ ପ୍ରସାଦ ଗୁପ୍ତାର ଘର କଟକ ବାଦାମବାଡି ନାରାୟଣ ଲେନରେ । ଅଜୟ ସାହୁର ଘର ଗଞ୍ଜାମ ବୈଦ୍ୟନାଥପୁର ଥାନା ଲିଙ୍ଗିପାଲି କେଶବନଗରରେ ଏବଂ ଜୟନ୍ତ ରାଉତର ଘର ବାଲେଶ୍ୱର ଜିଲ୍ଲା ରୁପସା ଥାନାର ଜୁକାନନ୍ଦି ଗାଁରେ ।

କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଅନ୍ୟ ଯେଉଁମାନେ ସଂପୃକ୍ତ ରହିଛନ୍ତି ସେମାନଙ୍କୁ ଖୋଜୁଛି । କ୍ରାଇମବ୍ରାଞ୍ଚ ଡିଆଇଜି ବି.ଗଙ୍ଗାଧରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଘଟଣାର ଅନୁସନ୍ଧାନ କରୁଛି । ଉଲ୍ଲେଖ ଥାଉକି, ବୋର୍ଡର ଭାରପ୍ରାପ୍ତ ଏଷ୍ଟାବ୍ଲିସମେଣ୍ଟ ଅଫିସର ବୁଲବୁଲ ବେହେରାଙ୍କ ଅଭିଯୋଗ କ୍ରମେ କ୍ରାଇମବ୍ରାଞ୍ଚରେ ଏହି ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ କରାଯାଉଛି । ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ-୧୯୮୮ର ଧାରା ୯ ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା-୬୧(୨)/୧୧୨(୨)/୩୧୮(୨)/୩୨୪(୩)/୩୩୬(୩)/୩୩୭/୩୫୩(୧)(ଖ) ଅନୁଯାୟୀ ମାମଲା ରୁଜୁ ହୋଇଛି ।

PARADIP PORT AUTHORITY

No.CE/PRD/ACCTS-14/25/295, dtd. 25.07.2025

e-TENDER CALL NOTICE

Name of the work : Construction of Compound Wall, drain adjacent to PMR and along RRS-I&II Railway Tracks at MCHP area (Balance work).
Estimated Cost : Rs.2,83,44,700.94.
Last Date & time of submission : 16.08.2025 up to 17:00 Hrs.
Refer our website for details : eprocure.gov.in/eprocure/app

Executive Engineer, PRD, PPA

PPA/PR/31/2025-2026, dt.30/07/2025

MCL ମହାନଦୀ କୋଲ୍‌ଫିଲଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5265

HDFC BANK ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ. ଦଖଲ ନୋଟିସ୍

ଶାଖା: ପ୍ଲଟ୍ ନଂ.: ୯୮, ୩ୟ ମହଲା, କେଶରୀ ଟକିଜ୍ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧,
ଫୋନ୍: ୦୬୭୪-୬୬୩୩୩୦୦, CIN L65920MH1994PLC080618, Website: www.hdfcbank.com

ନିମ୍ନ ସ୍ୱାକ୍ଷରକାରୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ (ମାନ୍ୟବର ଏନ୍‌ସିଏଲ୍‌ଟି-ମୁମ୍ବାଇର ଆଦେଶ ତା.୧୭.୦୩.୨୦୨୩ରିଖ (ଏଚ୍‌ଡିଏଫ୍‌ସି)ର ଅନୁମୋଦିତ ମିଶ୍ରଣ ଯୋଜନା ଅନୁଯାୟୀ ପୂର୍ବରୁ ଏଚ୍‌ଡିଏଫ୍‌ସି ଲିଃ ସହିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃର ମିଶ୍ରଣ ହୋଇଛି)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍‌ଗୁଡ଼ିକ ଜାରି କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି(ମାନ)ଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରକୃର୍ଯ୍ୟ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା	ବକେୟା ପରିମାଣ	ଡିମାଣ୍ଡ ନୋଟିସ୍ ତାରିଖ	ଦଖଲ ନୋଟିସ୍ ତାରିଖ	ସ୍ଥାବର ସମ୍ପତ୍ତି/ସୁରକ୍ଷିତ ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ/ଦଖଲର ପ୍ରକାର
ଋଣଗ୍ରହୀତା: କ) ଶ୍ରୀ ଓଁକାର କୁମାର	୨୬.୧୨.୨୦୨୪ ସୁଦ୍ଧା (ଋଣ ଆକାଉଣ୍ଟ ନଂ.: ୬୬୫୩୦୧୦୯୬ନିମନ୍ତେ) ଟ.୨୫,୨୦,୫୭୦/-, (ଋଣ ଆକାଉଣ୍ଟ ନଂ.: ୬୬୫୬୪୪୬୪୯ନିମନ୍ତେ) ଟ.୯୯,୧୮୮/- ଏବଂ (କ୍ରେଡିଟ୍ କାର୍ଡ ନଂ.: ୦୦୦୧୦୧୯୩୦୦୦୦୧୦୯୧୮୭୬ନିମନ୍ତେ) ଟ.୯୬,୫୧୦.୫୫	୧୦.୦୨.୨୦୨୫	୨୫.୦୭.୨୦୨୫	ଫ୍ଲାଟ୍‌ର ମୋଟ ପରିମିତ କ୍ଷେତ୍ର: ୮୭.୭୦ ବର୍ଗମିଟର, ଯାହାର ଫ୍ଲାଟ୍ ନଂ.: ୩୦୪, ୩ୟ ମହଲା, ବ୍ଲକ୍-ଏ୭, ଯାହାକି "ଆଶ୍ରୟ ବିହାର" ନାମକ ପ୍ରକଳ୍ପ, ପ୍ଲଟ୍ ନଂ.: ୧୩, ୧୩/୨୪୧, ଖାତା ନଂ.: ୬୨/୧୪୪,
୬୨/୧୪୩, ମୌଜା: ଗଡଜାଗସରା (ମଦନପୁର), ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧାରେ ଅବସ୍ଥିତ । / ସାଙ୍କେତିକ				
ଋଣଗ୍ରହୀତା: କ) ଶ୍ରୀ ମିହିର୍ କୁମାର ସାମଲ	୨୩.୦୧.୨୦୨୫ ସୁଦ୍ଧା (ଋଣ ଆକାଉଣ୍ଟ ନଂ.: ୬୬୩୦୭୫୨୩୫ନିମନ୍ତେ) ଟ.୩୦,୩୭,୫୪୧/-, (ଋଣ ଆକାଉଣ୍ଟ ନଂ.: ୬୬୩୫୧୦୬୩୫ନିମନ୍ତେ) ଟ.୧,୧୫,୬୯୩/- ଏବଂ (କ୍ରେଡିଟ୍ କାର୍ଡ ନଂ.: ୦୦୦୧୦୧୪୪୫୦୦୦୨୦୯୯୮୩୫ନିମନ୍ତେ) ଟ.୨,୩୫,୬୬୯.୬୦	୧୦.୦୨.୨୦୨୫	୨୫.୦୭.୨୦୨୫	ଫ୍ଲାଟ୍‌ର ମୋଟ ପରିମିତ କାର୍ପେଟ ଏରିଆ: ୧୦୫୭.୮୨ ବର୍ଗଫୁଟ ତଥା ଖୋଲା ପାର୍କିଂ ସ୍ଥାନ ସହିତ, ଯାହାର ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ଯାହାକି "ସିଟି ହୋମ୍ସ" ନାମକ ପ୍ରକଳ୍ପ, ପ୍ଲଟ୍ ନଂ.: ୪୬୬୬, ୪୬୮୯, ରେଭିନ୍ୟୁ ପ୍ଲଟ୍ ନଂ.: ୪୬୬୭,
ରେଭିନ୍ୟୁ ଖାତା ନଂ.: ୧୯୮୮/୨୬, ୪୩୦, ୪୩୧, ମୌଜା: ଘାଟିକିଆ, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଫ୍ଲାଟ୍ ନଂ.: ୧୦୩, ଉତ୍ତର: କରିଡର, ଦକ୍ଷିଣ: ଖୋଲା ସ୍ଥାନରେ ଅବସ୍ଥିତ । / ସାଙ୍କେତିକ				
ଋଣଗ୍ରହୀତା: କ) ଶ୍ରୀ ରୋହିତ ଶର୍ମା	୨୪.୧୨.୨୦୨୪ ସୁଦ୍ଧା (ଋଣ ଆକାଉଣ୍ଟ ନଂ.: ୬୬୮୬୧୩୦୨୧ନିମନ୍ତେ) ଟ.୪୨,୬୧,୮୮୮/-, (କ୍ରେଡିଟ୍ କାର୍ଡ ନଂ.: ୦୦୦୧୦୧୯୦୧୦୦୦୯୨୪୭୨୯୩ନିମନ୍ତେ) ଟ.୪,୯୦,୪୬୫.୨୫ ଏବଂ (କ୍ରେଡିଟ୍ କାର୍ଡ ନଂ.: ୦୦୦୧୦୧୫୭୨୦୦୦୦୦୫୫୨୬୩ନିମନ୍ତେ) ଟ.୧୧,୬୯,୫୭୬.୩୭	୧୦.୦୨.୨୦୨୫	୨୫.୦୭.୨୦୨୫	ଫ୍ଲାଟ୍‌ର ମୋଟ ପରିମିତ ସୁପର ବିଲ୍ଟ ଅପ୍ ଏରିଆ: ୧୨୮୯ ବର୍ଗଫୁଟ ତଥା ଖୋଲା ପାର୍କିଂ ସ୍ଥାନ ସହିତ, ଯାହାର ଫ୍ଲାଟ୍ ନଂ.: ୧୧୧, ୧ମ ମହଲା, ଯାହାକି "ସିଟି ହୋମ୍ସ" ନାମକ ପ୍ରକଳ୍ପ, ପ୍ଲଟ୍ ନଂ.: ୪୬୬୬, ୪୬୬୭, ୪୬୮୯, ଖାତା
ନଂ.: ୪୩୦, ୪୩୧, ୧୯୮୮/୨୬, ମୌଜା: ଘାଟିକିଆ, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଫ୍ଲାଟ୍ ନଂ.: ୧୧୨, ପଶ୍ଚିମ: ଫ୍ଲାଟ୍ ନଂ.: ୧୧୦, ଉତ୍ତର: ଖୋଲା ସ୍ଥାନ, ଦକ୍ଷିଣ: କରିଡରରେ ଅବସ୍ଥିତ । / ସାଙ୍କେତିକ				

*ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତି ପ୍ରକୃର୍ଯ୍ୟ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି । ଯେହେତୁ ଉପରୋକ୍ତ ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି (ମାନେ)ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚ୍‌ଡିଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଗୁଡ଼ିକୁ ଉପରେ ଦର୍ଶାଯାଇଥିବା ତାରିଖରେ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀ ଏବଂ ଆଇନଗତ ପ୍ରତିନିଧି ଓ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ରାଶି ପାଇଁ ଏଚ୍‌ଡିଏଫ୍‌ସି ନିକଟରେ ଉତ୍ତରଦାୟୀ ରହିବେ । ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧି (ମାନ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ । ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ଏବଂ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିମାନେ ଉକ୍ତ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଉଛି ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୩୦.୦୭.୨୦୨୫ — ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ ତରଫରୁ, ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

Regd. Office: HDFC Bank House, Senapati Bapat Marg, Lower Parel (West), Mumbai - 400013

बैंक ऑफ़ बड़ौदा Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା

ଡିମାଣ୍ଡ ନୋଟିସ୍
(ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ନିମ୍ନଲିଖିତ ଶାଖାର ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ **ଡିମାଣ୍ଡ ନୋଟିସ୍** ଜାରି କରାଗଲା ।

ଭୀମଟାଙ୍ଗି ଶାଖା / ଋଣଗ୍ରହୀତା/ ଜାମିନ୍‌ଦାର(ମାନ)ଙ୍କ ନାମ ଏବଂ ଠିକଣା	ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ନୋଟିସ୍ ଫେରସ୍ତ ହେବାର କାରଣ	ଋଣ ପରିମାଣ (ଟଙ୍କା)	ବକେୟା ପରିମାଣ
ଋଣଗ୍ରହୀତା: ଶ୍ରୀ ବାଲୁଙ୍କି ସାହୁ, ପିତା: ରତ୍ନାକର ସାହୁ, ସା.: ରୂପଦେଇପୁରପଡା, ମାଉଜିବେଗ୍, ପୋ/ଥାନା: ବଳଙ୍ଗା, ତହସିଲ: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୫ / **ସହ-ଋଣଗ୍ରହୀତା: ଶ୍ରୀ ରତ୍ନାକର ସାହୁ**, ପିତା: ବୀର ସାହୁ, ସା.: ରୂପଦେଇପୁରପଡା, ମାଉଜିବେଗ୍, ପୋ/ଥାନା: ବଳଙ୍ଗା, ତହସିଲ: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୫	୦୯.୦୭.୨୦୨୫ / ୧୯.୦୭.୨୦୨୫ / ଠିକଣା ମିଳିଲା ନାହିଁ	ଟ.୯,୯୦,୦୦୦/-	୧୦.୦୭.୨୦୨୫ ସୁଦ୍ଧା ଟ.୯,୮୦,୩୧୩.୩୮ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ
ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ: ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: ରୂପଦେଇପୁର, ଖାତା ନଂ.: ୧୦୭୭, ପ୍ଲଟ୍ ନଂ.: ୫୦୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, ମୌଜା: ରୂପଦେଇପୁର, ତହସିଲ/ଥାନା/ଏସ୍‌ଆରଓ: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୫୦୦, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୫୦୨, ପୂର୍ବ: ଗ୍ରାମ୍ୟ ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୪୫୭			
ଋଣଗ୍ରହୀତା: ଶ୍ରୀ ବାଲୁଙ୍କି ସାହୁ, ପିତା: ରତ୍ନାକର ସାହୁ, ସା.: ରୂପଦେଇପୁରପଡା, ମାଉଜିବେଗ୍, ପୋ/ଥାନା: ବଳଙ୍ଗା, ତହସିଲ: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୫	୦୯.୦୭.୨୦୨୫ / ୧୯.୦୭.୨୦୨୫ / ଠିକଣା ମିଳିଲା ନାହିଁ	ଟ.୨୭,୩୯,୦୭୩/-	୧୯.୦୭.୨୦୨୫ ସୁଦ୍ଧା ଟ.୨୭,୦୭,୬୦୮.୮୬ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ
ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ: ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ମୌଜା: ରୂପଦେଇପୁର, ଖାତା ନଂ.: ୧୦୨୬/୩୦୦, ପ୍ଲଟ୍ ନଂ.: ୪୮୫/୩୨୬୭, କ୍ଷେତ୍ର: ଏକର୦.୧୦୦ଡିସିମିଲି, ମୌଜା: ରୂପଦେଇପୁର, ତହସିଲ/ଥାନା/ଏସ୍‌ଆରଓ: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ହରି ମଲ୍ଲିକ, ପୂର୍ବ: ଭାସ୍କର ମହାରଣା, ପଶ୍ଚିମ: ବାଉରୀବନ୍ଧୁ ମହାରଣା			

ଉପର ସାରଣୀରେ ଦର୍ଶିତ **ବ୍ୟାଙ୍କ ଅଫ୍ ବରୋଦା, ଭୀମଟାଙ୍ଗି ଶାଖାରୁ** ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡାକ ଯୋଗେ ଡିମାଣ୍ଡ ନୋଟିସ୍ ଆପଣଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି । ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ ହେଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । ଏତଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଉପଧାରା ୧୩ ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ୍ ପ୍ରକାଶନ ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିକ କି ଉପରୋକ୍ତ ନୋଟିସ୍ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ । ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁଥିବା ଆଇନଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ତାରିଖ:୩୦.୦୭.୨୦୨୫, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

imfa

INDIAN METALS & FERRO ALLOYS LIMITED

DRIVING SUSTAINABLE AND INCLUSIVE GROWTH FOR A DEVELOPED INDIA

STATEMENT OF UNAUDITED STANDALONE AND CONSOLIDATED FINANCIAL RESULTS FOR THE QUARTER ENDED 30 JUNE 2025

(₹ in Crore)

		Standalone			Consolidated		
		Quarter ended	Year ended	Quarter ended	Quarter ended	Year ended	Quarter ended
		30-June-2025 Unaudited	31-Mar-2025 Audited	30-June-2024 Unaudited	30-June-2025 Unaudited	31-Mar-2025 Audited	30-June-2024 Unaudited
1	Total Income	662.68	2,631.31	674.47	663.53	2,631.05	675.44
2	Net Profit/(Loss) for the period/ year (before tax and exceptional items)	124.30	512.04	155.08	125.71	514.11	156.66
3	Net Profit/(Loss) for the period/ year before tax (after exceptional items)	124.30	512.04	155.08	125.71	514.11	156.66
4	Net Profit/(Loss) for the period/ year after tax (after exceptional items)	91.48	378.09	112.16	92.54	379.32	113.34
5	Total Comprehensive Income/(Expense) after tax [comprising Profit/(Loss) for the period/ year (after tax) and Other Comprehensive Income/(Expense) (after tax)]	91.74	364.36	111.31	92.80	365.59	112.49
6	Reserves (excluding revaluation reserve)		2,268.33			2,294.29	
7	Equity Share Capital	53.96	53.96	53.96	53.96	53.96	53.96
8	Earnings Per Share (EPS) of Rs. 10/- each (Not annualised, except for the year ended 31 March 2025) -Basic	16.96	70.08	20.79	17.10	70.19	20.95
	-Diluted	16.96	70.08	20.79	17.10	70.19	20.95

Notes:
(a) The above is an extract of the detailed format of Quarterly ended Financial results filed with Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015 as modified by circular No: CIR/CFD/FAC/62/2016 dated July 5, 2016. The full format of Quarterly ended Financial results are available on the websites of Stock Exchanges at www.bseindia.com and www.nseindia.com and also company's website at www.imfa.in

Scan to view

Place : Bhubaneswar
Date : 30 July 2025

By order of the Board
For INDIAN METALS & FERRO ALLOYS LTD
Sd/-
Subhrakant Panda
Managing Director
DIN - 00171845

Regd. Office: IMFA Building, Bomikhal, P.O. Rasulgarh, Bhubaneswar - 751 010 (Odisha)
Phone: +91 674 2611000, 2580100; Fax: +91 674 2580020; Email: mail@imfa.in; Website: www.imfa.in
CIN: L27101OR1961PLC000428